ଶନିବାର, ୧୧ ଅକ୍ଟୋବର, ୨୦୨୫

# ପିଲାଙ୍କ ଧରିତ୍ରୀ





# ଖିଲି ଖିଲି ହସ

ପିଲାଟିଏ ଥାନା ସାମ୍ନାରେ ଝାଡ଼ା କରୁଥିଲା, ଏହାକୁ ଦେଖି ପୋଲିସବାବୁ ଜଣକ ପିଲାଟିକୁ ଥାନାକୁ ଉଠାଇ ନେଲେ। ଥାନାରେ ପହଞ୍ଚି ପିଲାଟି କହିଲା – ମୁଁ ଝାଡ଼ା କରୁଥିଲି ବୋଲି ପ୍ରମାଣ ସେଠୁ ଉଠାଇ ଆଣ ନ ହେଲେ ମୁଁ ତ ନିର୍ଦ୍ଦୋଷରେ ଖଲାସ ହୋଇଯିବି।

ଜଣେ କଂସେଇ ଛେଳିକୁ ନେଇ ଯାଉଥିଲା। ଏହି ସମୟରେ ଛେଳିଟି ଜୋର୍‌ରେ ରଡି ଛାଡିବାରୁ ସେ ରାସ୍ତାରେ ପିଲାଟିଏ ଯାଉଥିଲା ଆଉ କଂସେଇକୁ ଯାଇ ପଚାରିଲା– ଭାଇ ଛେଳିକାହିଁକି ରଡ଼ି ଛାଡୁଛି ?

କଂସେଇ କହିଲା– ମୁଁ ତାକୁ କାଟିବାକୁ ନେଉଛି ତ ସେଥି ପାଇଁ ।

ପିଲା: ମୁଁ ଭାବିଲି ତାକୁ ସ୍କୁଲ୍ ନେଇ ଯାଉଛ !

ଶିକ୍ଷକ: କହିଲୁ ପପୁ ତାଜ୍‌ମହଲ କିଏ ନିର୍ମାଣ କରିଛନ୍ତି ?

ପପୁ: ସାର୍, ମମି

ଶିକ୍ଷକ: କେମିତି ?

ପପୁ: ସେଇ କଥା ତ, ସେ କୁହେ ମୁଁ ସବୁ କରିଛି !

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ (ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

ଆମ ଠିକଣା

dharitrifeature@gmail.com



ଗପ

# ବୁଦ୍ଧିରେ ବଡ଼

ସୀମା ଓ ରାନୀ ଦୁଇ ସାଙ୍ଗ। ଅଷ୍ଟମ ଶ୍ରେଣୀରେ ପଢ଼ନ୍ତି। ଛୁଟିଦିନରେ ଗଛ ଲଗାଇବା, ପରିବେଶ ସଫା କରିବା ଆଦି କାମ କରନ୍ତି। ସେଥିପାଇଁ ଦୁହିଁଙ୍କୁ ସମସ୍ତେ ପ୍ରଶଂସା କରନ୍ତି। ଚାହୁଁ ଚାହୁଁ ଦଶହରା ଆସିଲା ଏବଂ ସ୍କୁଲ ଛୁଟି ହୋଇଗଲା। ଦୁଇ ସାଙ୍ଗ ଚିନ୍ତାକଲେ ଯେ ସେମାନେ ଦଶହରା ମଣ୍ଡପ ଦେଖିବା ପାଇଁ ଯିବେ।

ପ୍ରଥମେ ଦୁହେଁ ମିଶି ପାଖରେ ଥିବା ବସ୍ତ୍ରାଣ୍ଡର ପୂଜା ମଣ୍ଡପକୁ ଗଲେ। ହେଲେ ସେଠାରେ ଯାହାସବୁ ଦେଖିଲେ ସେଥିରେ ତାଙ୍କ ମନ ଦୁଃଖ ହୋଇଗଲା। ବିଭିନ୍ନ ପ୍ରକାରର ଅଳିଆ ଆବର୍ଜନା ମଣ୍ଡପର ଗୋଟିଏ କଡ଼ରେ ପଡ଼ି ରହିଥିଲା। ପୂଜାରେ ବ୍ୟବହୃତ ସାମଗ୍ରୀ ଫୁଲ, ଦୀପ ଆଦିକୁ ମଣ୍ଡପ ପାଖରେ ଗଦାଇ ଦିଆଯାଇଥିଲା। ସୀମା ଓ ରାନୀ ମଣ୍ଡପ ଦାୟିତ୍ୱରେ ଥିବା ମୁଖିଆଙ୍କୁ ଅଳିଆ ସଫା କରିବା ପାଇଁ ଅନୁରୋଧ କଲେ କିନ୍ତୁ କେହିବି ଦୁଇ ଛୋଟପିଲାଙ୍କ କଥାକୁ ଧ୍ୟାନ ଦେଲେ ନାହିଁ। ଶେଷରେ ଦୁହେଁ ଅନ୍ୟ ଏକ ମଣ୍ଡପକୁ ଗଲେ। ହେଲେ ସେଠି ବି ସେହି ସମାନ ଅବସ୍ଥା ଥିଲା। ମେଳା ବୁଲିବାକୁ ଆସିଥିବା ଲୋକ ଖାଦ୍ୟ ଖାଇ ଅଳିଆ ଆବର୍ଜନାକୁ ଏଣେତେଣେ ଫିଙ୍ଗୁଥିଲେ। ଆବର୍ଜନା କୁଣ୍ଡ ଥିଲେ ବି କେହି ତାକୁ ବ୍ୟବହାର କରୁ ନ ଥିଲେ। ଏହା ଫଳରେ ପରିବେଶ ଦୂଷିତ ହୋଇ ଦୁର୍ଗନ୍ଧରେ ଫାଟି ପଡୁଥିଲା। ଦଶହରାରେ ପରିବେଶର ଏହି ସମସ୍ୟା ଦେଖି ଦୁଇ ସାଙ୍ଗଙ୍କର ବୁଲିବା ଖୁସି ଝାଉଁଳିଗଲା।

ଦୁହେଁ ଛୋଟ ଥିବାରୁ କେହି ତାଙ୍କ କଥାକୁ ଗୁରୁତ୍ୱ ଦେଉନାହାନ୍ତି। ତେଣୁ ସେମାନେ ଗୋଟିଏ ସୁନ୍ଦର ଉପାୟ ଚିନ୍ତାକଲେ। ସୀମା ତା' ବାପାଙ୍କ ପାଖରୁ କିଛି ସମୟ ପାଇଁ ମୋବାଇଲ୍ ନେଇ ରାନୀକୁ ଡାକି ପୁଣିଥରେ ସେହି ବସ୍ତ୍ରାଣ୍ଡ ଏବଂ ମିନାବଜାର ପାଖକୁ ଗଲା। ନିଜେ କ୍ୟାମେରା ସାମ୍ନାରେ ଛିଡ଼ା ହୋଇ ମଣ୍ଡପର ସମସ୍ୟାଗୁଡ଼ିକୁ ଗୋଟି ଗୋଟି କରି କହିଲା। ଭିଡିଓ ସରିଯିବା ପରେ ସେହି ଭିଡିଓକୁ ଜିଲାପାଳଙ୍କ ପାଖକୁ ପଠାଇଲେ। ଦୁଇଦିନ ପରେ ଜିଲାପାଳଙ୍କ ଅଫିସରୁ ସେମାନଙ୍କୁ ଡାକରା ଆସିଲା। ଜିଲାପାଳ ଦୁହିଁଙ୍କୁ ପଚାରିଲେ ତୁମେ ଦୁଇଜଣ ତ ପରିବେଶ ପ୍ରତି ଏତେ ଧ୍ୟାନ ରଖିଛ, ମତେ କୁହ କ'ଣ କଲେ ତୁମ ଅଞ୍ଚଳରେ ଆଉ ଅଳିଆ ଜମିବ ନାହିଁ। କିଛି ସମୟ ଚିନ୍ତା କରି ରାନୀ କହିଲା ଯଦି ଗାଁରେ ରହୁଥିବା କିଛି ମହିଳାଙ୍କୁ ପରିବେଶ ସୁରକ୍ଷାର ଦାୟିତ୍ୱ ଦିଆଯାଆନ୍ତା ତେବେ ସେମାନେ ତାଙ୍କ ଅଞ୍ଚଳର ପରିବେଶର ସୁନ୍ଦର ଭାବେ ଯତ୍ନ ନିଅନ୍ତେ। ଏଥିପାଇଁ ସରକାର ସେହି ମହିଳାମାନଙ୍କୁ କିଛି ଆର୍ଥିକ ସହଯୋଗ କଲେ ସେମାନେ ନିଶ୍ଚୟ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିପାରିବେ। ଛୋଟ ପିଲାଟିର ଏହିକଥା ଜିଲାପାଳଙ୍କ ମନକୁ ଛୁଇଁଗଲା। ସଙ୍ଗେ ସଙ୍ଗେ ସେ ନିର୍ଦ୍ଦେଶ ଦେଲେ ଯେ ସ୍ଥାନୀୟ ମହିଳାଙ୍କୁ ତାଙ୍କ ନିଜନିଜ ଅଞ୍ଚଳର ପରିବେଶକୁ ସଫା ରଖିବା ପାଇଁ ଦାୟିତ୍ୱ ଦିଆଯାଉ। ଏଥିପାଇଁ ତାଙ୍କୁ ଆର୍ଥିକ ସହାୟତା ଦିଆଯିବ ଏବଂ ଯିଏ ଯେତେ ଭଲ କାମ କରିବ ତାକୁ ପରିବେଶ ସାଥୀ ଭାବେ ପୁରସ୍କୃତ ମଧ୍ୟ କରାଯିବ। ଏକଥା ଶୁଣିବା ପରେ ମହିଳାମାନେ ଆଗେଇ ଆସିଲେ ଏବଂ ପରିବେଶର ଦାୟିତ୍ୱ ନେଲେ। କେଉଁଠି ବି ଅଳିଆ ଜମିବାକୁ ଦେଲେନାହିଁ। ଯିଏବି ଅଳିଆ ଫିଙ୍ଗୁଥିଲେ ତା'ର ଫଟୋ ମୋବାଇଲରେ ଉଠାଇ ଜିଲାପାଳ ଓ ଥାନାକୁ ପଠାଇଲେ, ଯେଉଁଥିପାଇଁ କେହି ଆଉ ଅଳିଆ ଫିଙ୍ଗିଲେ ନାହିଁ। କିଛିଦିନ ପରେ ପରିବେଶର ରୂପ ବଦଳିଗଲା। ଦୁର୍ଗନ୍ଧ ହୋଇଥିବା ସ୍ଥାନ ସଫା ସୁତରା ହେଲା। ଜିଲାପାଳ ଉଭୟ ସୀମା ଓ ରାନୀଙ୍କୁ ପୁରସ୍କୃତ କଲେ। ଦୁଇ ଛୋଟ ପିଲା ମୋବାଇଲର ସଦୁପଯୋଗ କରି ଏତେବଡ଼ ପରିବର୍ତ୍ତନ ଆଣିପାରିଲେ। ସେଥିପାଇଁ କୁହାଯାଇଛି ବୟସରେ ନୁହେଁ ବରଂ ବୁଦ୍ଧିରେ ବଡ଼ ହେବା ଦରକାର।

– ରାଜେଶ୍ ରାୟ

ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର, କୋରାପୁଟ

ମୋ: ୬୩୭୧୫୫୫୯୪୦

# କାଚର ଭ୍ରମ

କେତେକ ରାଜା ଓ ରାଜ ପରିବାର ସଦସ୍ୟଙ୍କ ସମ୍ପର୍କରେ ଇତିହାସରେ ଏଭଳି କିଛି ତଥ୍ୟ ରହିଛି, ଯାହା ଅତ୍ୟନ୍ତ ଆଶ୍ଚର୍ଯ୍ୟ ଲାଗିଥାଏ। ଇତିହାସରୁ ଜଣାଯାଏ କି ଏଭଳି କିଛି ରାଜା ଥିଲେ ଯେଉଁମାନେ ଭାବୁଥିଲେ ସେମାନଙ୍କ ଶରୀର କାଚରେ ତିଆରି ହୋଇଛି। ତେବେ ସେମାନଙ୍କର ଏହି ଭାବନା ଥିଲା ଏକ ମାନସିକ ବିକାର ଅବସ୍ଥା। ଏହି ରୋଗର ଶିକାର ହୋଇ ସେମାନେ ଅଜବ ବ୍ୟବହାର ସବୁ କରିଥାନ୍ତି। ହିଷ୍ଟ୍ରି ଏକ୍ସଟ୍ରା ଅନୁସାରେ ଏଭଳି ଏକ ଘଟଣା ଫ୍ରାନ୍ସର ଜଣେ ଚିକିତ୍ସକ ଆନ୍ଦ୍ରେ ଡୁ ଲରିନ୍ସଙ୍କ କେସ୍‌ବୁକରେ ଲିପିବଦ୍ଧ ରହିଛି। ଏହି ପ୍ରମାଣ ଆଧାରରେ ଜଣାଯାଏ କି ଫ୍ରାନ୍ସର ରାଜା ଚାର୍ଲସ ଷଷ୍ଠ କିଛି ସମୟ ପାଇଁ ଏଭଳି ଏକ ରୋଗର ଶିକାର ହୋଇଥିଲେ। ଏହି ରାଜା ଭାବୁଥିଲେ କି ତାଙ୍କ ଶରୀର କାଚରେ ତିଆରି ହୋଇଛି। ଶରୀର ଯେପରି ଭାଙ୍ଗି ନ ଯିବ ସେଥିପାଇଁ ସେ ଖୁବ୍ କମ୍ ସମୟ ପାଇଁ ଅତି ଧୀରସ୍ଥିର ଭାବରେ ଚଲାବୁଲା କରୁଥିଲେ। ଏହା ସହିତ ଲୁହାରେ ତିଆରି ମଜଭୁତ ପୋଷାକ ତିଆରି କରି ପିନ୍ଧୁଥିଲେ। ମୋଟା କମ୍ବଳ ଘୋଡ଼ାଇ ହୋଇ ଅଧିକ ସମୟ ବସି ରହୁଥିଲେ। ରାଜାଙ୍କର ଏଭଳି ବ୍ୟବହାର ପାଇଁ କିଛି ଦିନ ପରେ ଲୋକେ ତାଙ୍କୁ ପାଗଳ ବୋଲି କହିଥିଲେ। ଠିକ୍ ଏହିଭଳି ଏକ ମାନସିକ ବିକାରଭାବର ଶିକାର ହୋଇଥିଲେ ୧୮୪୦ ଦଶକରେ ବବେରିଆର ରାଜା ଲୁଡବିଗ ପ୍ରଥମଙ୍କ ୨୩ ବର୍ଷୀୟ କନ୍ୟା ରାଜକୁମାରୀ ଏଲେକଜେଣ୍ଡ୍ରା ଅମେଲୀ। ରାଜମହଲ ଭିତରେ ସେ ଧୀରେ ଧୀରେ ଚାଲୁଥିଲେ। ତାଙ୍କ ଶରୀର ଯେପରି କୌଣସି ସ୍ଥାନରେ ବାଜିବ ନାହିଁ ସେଥିପ୍ରତି ସତର୍କ ରହି ପାଦ ଚାପି ଚାପି ଚାଲୁଥିଲେ। ରାଜକୁମାରୀ ଭାବୁଥିଲେ ତାଙ୍କ ପେଟରେ ଏକ କାଚର ପିଆନୋ ରହିଛି। ତେଣୁ ତାକୁ ସୁରକ୍ଷା ଦେବା ପାଇଁ ସେ ଏଭଳି କରୁଥିଲେ। ଏଭଳି ବିକାର ନେଇ ମଧ୍ୟଯୁଗରେ ଉଲ୍ଲେଖ ହୋଇଥିଲା ଓ ୧୯ଶହ ଶତାବ୍ଦୀ ଶେଷ ବେଳକୁ ଏହି ରୋଗ ଆଉ ଦେଖିବାକୁ ମିଳି ନ ଥିଲା। ସେ ସମୟର ପ୍ରସିଦ୍ଧ ଚିକିତ୍ସକ ରେନେ ଡେସକର୍ଟେସ, ଡେନିସ ଡିଡେରୋ ଓ ରବର୍ଟ ବର୍ଟନଙ୍କ ୧୬୨୧ର ଚିକିତ୍ସା ସଂଗ୍ରହ ଏନାଟମୀ ଅଫ୍ ମେଲାନଟୋଲୀରେ ମଧ୍ୟ ଏ ସମ୍ପର୍କରେ ପ୍ରମାଣ ରହିଛି।

## ମତାମତ

▶▶ ଆଇନାରେ ପ୍ରକାଶିତ ଫଟୋ ଦୁଇଟି ସୁନ୍ଦର ହୋଇଥିଲା।

**–ସୁଧାଂଶୁ ଶେଖର ସାହୁ,** ସୁନ୍ଦରଗଡ଼

▶▶ ମା' ପରି କେହି ନାହିଁ ଗପଟି ଶିକ୍ଷଣୀୟ ହୋଇଛି। ମା' ସହ କେହି ସମାନ ହୋଇପାରିବେ ନାହିଁ।

**–ଜ୍ୟୋତି ରାଉତ,** ନନ୍ଦନ ବିହାର, ଭୁବନେଶ୍ୱର

▶▶ ହୀରାର ସହର, ଗଛରୁ ବାହାରୁଛି ରକ୍ତ ପାଠଟି ପଢ଼ି ଆଶ୍ଚର୍ଯ୍ୟ ହେଲି। ଆଗକୁ ଏହିପରି ଲେଖା ଦେବାକୁ ଅନୁରୋଧ।

**–ବିସ୍ମୟ ପ୍ରସାଦ ମହାରଥୀ,** ପୁରୀ

## ରଙ୍ଗ ଦିଅ








ପିଲାମାନେ ପାଠ ପଢ଼ିବା ସହ ସେମାନଙ୍କର ବୁଦ୍ଧିମତ୍ତାର ବିକାଶ ହେବା ନିହାତି ଆବଶ୍ୟକ। ସେଥିପାଇଁ ନିମ୍ନୋକ୍ତ କେତୋଟି ବିଷୟ ପ୍ରତି ଧ୍ୟାନ ଦେଇପାରନ୍ତି...

# ବୁଦ୍ଧିମତ୍ତାର ବିକାଶ ...



ସାଙ୍ଗମାନଙ୍କ ସହିତ ବାହାରେ ଖେଳିଲେ ପିଲାମାନେ ମାନସିକ ସ୍ତରରେ ଅନେକାଂଶରେ ସୁସ୍ଥ ରହିଥାନ୍ତି। ଏହାଦ୍ୱାରା ସେମାନଙ୍କର ମନ ହାଲକା ରହିବା ସହ ପାଠପଢ଼ା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ। ସେମାନେ ଖେଳିବା ସମୟରେ ପରସ୍ପର ସହ ଥଟ୍ଟାମଜା କରନ୍ତି। ଏହାଦ୍ୱାରା ମଧ୍ୟ ତାଙ୍କର ମାନସିକ ସ୍ଥିତି ବ୍ୟତୀତ ବୁଦ୍ଧିମତ୍ତାର ବିକାଶ ଘଟିଥାଏ। ତେଣୁ ପାଠପଢ଼ା ବ୍ୟତୀତ ସେମାନେ କିଛି ସମୟ ଖେଳକୁଦରେ କଟାଇବା ଆବଶ୍ୟକ। ପିଲାଙ୍କ ବୁଦ୍ଧିମତ୍ତା ବଢ଼ାଇବାରେ ଖେଳ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କାରଣ ଏହା ହେଉଛି ମନୋରଞ୍ଜନର ଅନ୍ୟତମ ମାଧ୍ୟମ। ଏହାଦ୍ୱାରା ତାଙ୍କର ଭାବିବା ଏବଂ ବୁଝିବା ଶକ୍ତିରେ ବୃଦ୍ଧି ଘଟିଥାଏ। ଫଳରେ ତାଙ୍କର ଧୈର୍ଯ୍ୟ, ସହଯୋଗର ଭାବନା ଏବଂ ଅନ୍ୟସହିତ ତାଳମେଳ ରଖିବାର କଳା ବି ମଜଭୁତ ହୋଇଥାଏ। ଏଠାରେ କେତୋଟି ବିଷୟରେ ସୂଚନା ଦିଆଯାଉଛି, ଯାହା ପିଲାର ବୁଦ୍ଧିମତ୍ତା ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରିବ ।

## ଭାବନାଶକ୍ତି ବଢ଼ାଇବ ଖେଳ

ବେଳେବେଳେ ଲୋକେ ଭାବିଥାନ୍ତି ଖେଳିବା ଦ୍ୱାରା କେବଳ ସ୍ୱାସ୍ଥ୍ୟ ଭଲ ରୁହେ, କିନ୍ତୁ ଏମିତି କିଛି ଇନ୍‌ଡୋର ଗେମ୍ସ ରହିଛି ଯାହା ସେମାନଙ୍କର ଭାବନାକୁ ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରେ। ଉଦାହରଣ ସ୍ୱରୂପ କ୍ୟାରମ୍, ଲୁଡୁ, ଚେସ୍ । ଏହି ପ୍ରକ୍ରିୟାରେ ପିଲା ଅନ୍ୟର ଭାବନାକୁ ବୁଝିବା, ଧୈର୍ଯ୍ୟ ରଖିବା ଏବଂ ଟିମ୍ ୱର୍କ ସହଯୋଗ ବିଷୟରେ ଶିଖିଥାଏ। ଏପରି କି ଖେଳ ତାଙ୍କୁ ସହାନୁଭୂତି, ଅନ୍ୟ ସହିତ ତାଳମେଳର ଭାବନା ଶିଖାଇଥାଏ।

## ବୁଦ୍ଧି ବଢ଼ାଇବାରେ କରିବ ସାହାଯ୍ୟ

ବୁଦ୍ଧିମତ୍ତା ବଢ଼ାଇବାକୁ ହେଲେ ପଜଲ ଗେମ୍, ମେମୋରୀ ଗେମ୍ସ, ଷ୍ଟ୍ରାଟେଜି ଗେମ୍ସ ସବୁଠାରୁ ପ୍ରଭାବଶାଳୀ ହୋଇଥାଏ। ପ୍ରତିଦିନ ଅତିକମ୍‌ରେ ୧୫-୨୦ମିନିଟ୍ ଏସବୁ ଖେଳକୁ ସମୟ ଦେବା ଦ୍ୱାରା ପିଲାର ବୁଦ୍ଧିମତ୍ତା କେତେକାଂଶରେ ବିକଶିତ ହୋଇଥାଏ। ଏହା ବ୍ୟତୀତ ଏହି ଖେଳ ପିଲାକୁ ଧ୍ୟାନ କେନ୍ଦ୍ରିତ କରିବା ଏବଂ ଯୋଜନା ପ୍ରସ୍ତୁତ କରିବା ମଧ୍ୟ ଶିଖାଇଥାଏ।

## ଲୁଚି ରହିଥିବା ବିଜ୍ଞାନ

ଖେଳ ମାଧ୍ୟମରେ ପିଲା ଶିଖିବାର ସୁଯୋଗକୁ ହାତଛଡ଼ା କରିବା ଠିକ୍ ନୁହେଁ। ହେଲେ କୌଣସି ଚାପର ବଶବର୍ତ୍ତୀ ନ ହୋଇ ଖେଳିଲେ ତାହାର ସୁପ୍ରଭାବ ତାଙ୍କ ଉପରେ ପଡ଼ିଥାଏ। କୌଣସି ଖେଳ ଖେଳିବା ଲାଗି ସେଥିପ୍ରତି ନିଜର ଆଗ୍ରହ ରହିବା ଦରକାର। କାହାର ବାଧ୍ୟବାଧକତାରେ ଖେଳିଲେ ତାହା ତାଙ୍କ ମନରେ ନକାରାତ୍ମକ ଭାବନା ଜାଗ୍ରତ କରାଇଥାଏ। ନିଜ ମନ ପସନ୍ଦର ଖେଳ ଖେଳିବା ଦ୍ୱାରା ସେମାନଙ୍କ ମନରେ ନୂତନ ଉତ୍ସାହ ସୃଷ୍ଟି ହୋଇଥାଏ। ମନୋଭାବ ମଧ୍ୟ ସକାରାତ୍ମକ ରହିଥାଏ। କେବଳ ସେତିକି ନୁହେଁ, ଆଗକୁ ବଢ଼ିବାର ନୂଆ କୌଶଳ ସେମାନେ ମଧ୍ୟ ଏଥିରୁ କେତେକାଂଶରେ ଶିଖିଥାଆନ୍ତି। ତା'ସହ ପିଲାଙ୍କର ବୁଦ୍ଧିମତ୍ତାର ବିକାଶ ଘଟିବା ସହ ଅନ୍ତର୍ନିହିତ ପ୍ରତିଭା ଆହୁରି ଦ୍ୱିଗୁଣିତ ହୋଇଥାଏ।

## ରୁଟିନ୍‌ରେ ସାମିଲ କରନ୍ତୁ ଏହିସବୁ ଟିପ୍ସ

- ଦିନରେ ଅତିକମ୍‌ରେ ଅଧଘଣ୍ଟା ଆଉଟ୍‌ଡୋର ଗେମ୍ସ ଖେଳିବାକୁ ଚେଷ୍ଟା କରନ୍ତୁ। ଫଳରେ ଏଥିରୁ ସେମାନେ ଟିମୱର୍କ ଏବଂ ସହଯୋଗ ଶିଖିଥାଆନ୍ତି।
- ଘରେ ଏଭଳି କେତେକ ଇନ୍‌ଡୋର ଗେମ୍ ଅଛି, ଯାହାକୁ ପିଲା ନିୟମିତ ଖେଳିପାରିବେ । ବିଶେଷଭାବରେ ଚେସ୍, ଲୁଡୁ ଭଳି ଖେଳ ବୁଦ୍ଧିମତ୍ତା ବିକାଶରେ ଅନେକାଂଶରେ ସହାୟକ ହୋଇଥାଏ।
- ଖେଳିବା ଦ୍ୱାରା ମନରୁ ନକାରାତ୍ମକ ଭାବନା କେତେକାଂଶରେ ଦୂର ହୋଇଥାଏ। ଖୁସି ମନରେ ସବୁବେଳେ ଖେଳିବା ଭଲ।



## ଏମାନେ କ'ଣ କରନ୍ତି...

### ବୁଦ୍ଧିମତ୍ତାର ବିକାଶକୁ ଗୁରୁତ୍ୱ ଦିଏ



ପାଠପଢ଼ା ସହ ବୁଦ୍ଧିମତ୍ତାର ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ। ଏ ବିଷୟରେ ସ୍କୁଲରେ ଶିକ୍ଷୟିତ୍ରୀ-ଶିକ୍ଷକ, ଘରେ ମା-ବାପା ଏବଂ ଗୁରୁଜନଙ୍କ କଥାକୁ ଗ୍ରହଣ କରିଥାଏ। କାରଣ ବୁଦ୍ଧିମତ୍ତାର ବିକାଶ ନ ହେଲେ କ୍ୟାରିୟର ସତେ ଯେମିତି ଅପୂରଣୀୟ ରହିଯିବ। ଏଥି ନେଇ ଯଦି ମନରେ କୌଣସି ପ୍ରଶ୍ନ ଆସିଲା ତେବେ ବିଳମ୍ବ ନ କରି ତାହାର ସମାଧାନ କରିଥାଏ। ଏକଥା ଭଲ ଭାବରେ ଜାଣିଛି ଯେ ପାଠପଢ଼ା ସହ ବୁଦ୍ଧିମତ୍ତା ବିକାଶର ସଂଯୋଗ ରହିଛି। ତେଣୁ ଏହାକୁ କେବେ ଅବହେଳା କରି ନ ଥାଏ।


**-ସ୍ୱସ୍ତିଶ୍ରୀ ରାଉତ,** କ୍ଲାସ-୯ମ, ସେଣ୍ଟ ଜାଭିୟର ହାଇସ୍କୁଲ, ପୁରୀ

### ଯୋଜନା ମୁତାବକ ଆଗେଇ ଥାଏ



ବୁଦ୍ଧିମତ୍ତାର ବିକାଶ ପାଇଁ ମୁଁ ସବୁବେଳେ ଯୋଜନା ମୁତାବକ ଆଗେଇଥାଏ। ଏଥିପାଇଁ ଆବଶ୍ୟକୀୟ କଥାଗୁଡ଼ିକୁ ପ୍ରଥମେ ଜାଣିବାକୁ ଚେଷ୍ଟା କରେ। ତା'ପରେ ସେଗୁଡ଼ିକୁ କିପରି ଉପଯୋଗ କରିବି ସେ ସମ୍ପର୍କରେ ଚିନ୍ତା କରେ। ଏହାକୁ ନେଇ ଯଦି କେତେକ ସାଙ୍ଗ କିଛି ଟିପ୍ସ ଦେଲେ ତାହାକୁ ଭଲ ଭାବରେ ତର୍ଜମା କରେ। ଏହାପରେ ମନକୁ ସବୁବେଳେ ଟେନ୍‌ସନ ଫ୍ରି ରଖିଥାଏ। ପାଠପଢ଼ାକୁ କଦାପି ବୋଝ ବୋଲି ଭାବି ନ ଥାଏ।

**-ଦିବ୍ୟାଂଶୁ ସାହୁ,** କ୍ଲାସ-୫ମ, ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେଶନ ସେଣ୍ଟର, ସିଂହାରପୁର, ଜଗତ୍‌ସିଂହପୁର



୧



୨



୩




୪



୯




୫



୬



୭



୮

୧



**ଜିସାନ୍ତ ପଟ୍ଟନାୟକ**
କ୍ଲାସ- ୨,
ବିଜେଇଏମ୍- ୧
ସ୍କୁଲ, ବିଜେବି ନଗର,
ଭୁବନେଶ୍ୱର

**ଅଭିଲାଷ ଦାଶ**
କ୍ଲାସ-୯, ବଲାଙ୍ଗୀର
ପବ୍ଲିକ ସ୍କୁଲ,
ହାତୀଶାଳପଡା,
ବଲାଙ୍ଗୀର



୨

୩



**ସ୍ମିତିପ୍ରଜ୍ଞା ଦେହୁରୀ**
କ୍ଲାସ-୪, ସରକାରୀ
ୟୁ.ପି ସ୍କୁଲ,
କେନ୍ଝିରିଆପାଲୀ,
ସୁବର୍ଣ୍ଣପୁର

**ଶୁଭଲକ୍ଷ୍ମୀ ପାଣି**
କ୍ଲାସ- ୪,
ଲିଟିଲଷ୍ଟାର ଇଂଲିଶ
ମିଡିୟମ ସ୍କୁଲ, ଖୋର୍ଦ୍ଧା



୪

୫



**ମାନ୍ୟତା ରାଉତ**
କ୍ଲାସ- ୫, କିଟ୍
ଇଣ୍ଟରନ୍ୟାଶନାଲ ସ୍କୁଲ,
ଭୁବନେଶ୍ୱର

**ଅରୋସ୍ମିତା ସାହୁ**
କ୍ଲାସ-୫, ବିଦାବନ୍ଧ
ସରକାରୀ ପ୍ରାଥମିକ
ବିଦ୍ୟାଳୟ,
ଢେଙ୍କାନାଳ



୬

୭



**ଆୟୁଷୀ ପୂର୍ନର୍ଭୀ**
କ୍ଲାସ-୪, ସେଣ୍ଟ
ଜାଭିଅର ହାଇସ୍କୁଲ,
କେଦାରଗୌରୀ,
ଭୁବନେଶ୍ୱର

**ମିନାକ୍ଷୀ କାର୍ଯ୍ୟୀ**
କ୍ଲାସ- ୮, ସରକାରୀ
ଉଚ୍ଚ ବିଦ୍ୟାଳୟ,
ରାମଗିରି, ଗଜପତି



୮

୯



**ସାନ୍ୱି
ଶନାୟା ସା**
କ୍ଲାସ-୪,
ବିଜେଇଏମ୍-୧ ସ୍କୁଲ,
ଭୁବନେଶ୍ୱର

# ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## ଚଳନ୍ତା ସାଇକେଲ୍‌ରେ ରୁବିକ୍ କ୍ୟୁବ୍



ସାଇକେଲ ଚଳାଉଥିବା ସମୟରେ ରୁବିକ୍ କ୍ୟୁବ୍ ସମାଧାନ କରି ରେକର୍ଡ କରିଛନ୍ତି ସର୍ବଜ୍ଞ କୁଳଶ୍ରେଷ୍ଠ। ଏଥିପାଇଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି ତାଙ୍କ ନାଁ। ହରିୟାଣା ଗୁରୁଗ୍ରାମର କୁଳଶ୍ରେଷ୍ଠ ୧୫ ବର୍ଷ ବୟସରେ ଏଭଳି ଏକ ରେକର୍ଡ କରିଛନ୍ତି। ସାଇକେଲ ଚଳାଇବା ସମୟରେ ମାତ୍ର ୧୨.୯୦ ସେକେଣ୍ଡରେ ସେ ରୁବିକ୍ କ୍ୟୁବ ସମାଧାନ କରି ପାରିଛନ୍ତି। ଏଭଳି ଏକ ଭିନ୍ନ ଢଙ୍ଗରେ ସବୁଠାରୁ କମ୍ ସମୟରେ ରୁବିକ୍ କ୍ୟୁବ୍ ସମାଧାନ କରିପାରିଥିବାରୁ ସେ ଏହି ବିଶ୍ୱ ରେକର୍ଡ କରିପାରିଛନ୍ତି। ତେବେ ଏଭଳି କରିବା ପାଇଁ ସେ ଅନେକ ଦିନରୁ ଅଭ୍ୟାସ କରୁଥିଲେ। ପ୍ରଥମେ ଖାଲିରେ କ୍ୟୁବ୍ ସମାଧାନ କରିବା ଆରମ୍ଭ କରିଥିଲେ। ଅନ୍ୟମାନେ କିଭଳି ଅତି ଶୀଘ୍ର ସମାଧନ କରି ଦେଉଥିଲେ ତାହା ଲକ୍ଷ୍ୟ କରୁଥିଲେ। ଏହାପରେ ନିଜେ ସାଇକେଲ ଚଳାଇବା ସମୟରେ ଏପରି କରିବାକୁ ଅଭ୍ୟାସ କରିଥିଲେ। ୨୦୨୨ରେ ସେ ଏହି ସଫଳତା ହାସଲ କରିଥିଲେ।

## ଏଥରର

- କେଉଁ ଦେଶରେ ସର୍ବାଧିକ ପ୍ରାକୃତିକ ହ୍ରଦ ରହିଛି ?
- ଆମାଜନ୍ ରେନ୍ ଫରେଷ୍ଟ କେଉଁଠାରେ ଅବସ୍ଥିତ ?
- ଅଷ୍ଟ୍ରେଲିଆର ରାଜଧାନୀର ନାମ ?
- ଇଟାଲୀର ରାଜଧାନୀ ?
- ଆୟତନ ଅନୁସାରେ ଆଫ୍ରିକାର ସବୁଠୁ ବଡ ସହର ?

## ଗତଥରର ଉତ୍ତର

- ମାଲଭଥ୍ ପୂର୍ଣ୍ଣ
- ଇନ୍ଦୋର, ଭୋପାଳ ଓ ଚଣ୍ଡିଗଡ
- ଜାନୁୟାରୀ ୨୪
- ରୁଡୟାର୍ଡ କପ୍‌ଲିଙ୍ଗ୍
- ନୱାବ ରାଏ

## କବିତା




### ଶିଖିବା ଆସ

ଦେଖ ଆକାଶରେ ରାବ ଦିଏ କାଉ
ମନେ ଉକୁଟାଇ ହସ
ସରି ଯାଇଅଛି ରାତିର ଅନ୍ଧାର
ମହକେ ଫୁଲର ବାସ।
ସବୁଜ ସୁନ୍ଦର ଆମ ପରିବେଶ
ପ୍ରକୃତିର ପରା ଦାନ
ତାହାରି ସୁରକ୍ଷା ଦାୟିତ୍ୱ ଆମର
କାମ ହେଉ ବଡ଼ ସାନ।
ସେଇତ ଯୋଗାଏ ବଞ୍ଚିବା ପାଇଁ କି
ଖାଦ୍ୟ ବସ୍ତ୍ର ବାସଗୃହ
ଦୁଃଖୀ ମଣିଷର ଆପଣାର ହୋଇ
ବୁଝେ ପୁଣି ଆଖି ଲୁହ।
ଗଛଠାରୁ ଶିଖ ସହିବାର ଶକ୍ତି
ସବୁଠି ଥାଏ ପବନ
ଉଚ୍ଚ ହେବା ପାଇଁ ଆକାଶଟା ସାକ୍ଷୀ
ଶୀତଳତା ବାଣ୍ଟେ ଜହ୍ନ।
ପଶୁ ପକ୍ଷୀଠାରେ ଅଛି ଭଲ ଗୁଣ
ନ କରିବା କେବେ ହେୟ
ସଭିଙ୍କ ଭିତରେ ଚିହ୍ନିଲେ ଈଶ୍ୱର
ତେବେ ହେବ ଜାଣ ଜୟ।

**– ସତ୍ୟନାରାୟଣ ପ୍ରଧାନ**
ମୋ: ୯୧୭୮୩୧୩୬୪୪

### ଝରା ଶେଫାଳୀ

ନିଶୀଥର ସିଏ ସାଥୀ ପରି ଫୁଟେ
ଧନ୍ୟ ତା'ର ବାଙ୍କ ଚାହାଣି
ଉଷା କାଳେ ରବି ଉଦୟ ପୂର୍ବରୁ
ତଳେ ଶୋଇ କହେ କାହାଣୀ।
ଶୁଭ୍ର ପାଖୁଡ଼ାରେ ଲୋହିତ ଡେମ୍ଫରେ
ମୃଦୁ ହସ ଯାଏ ଚହଟି
ସ୍ୱଳ୍ପ ସମୟର ରହଣି ଭିତରେ
କିଣି ନିଏ ଆମ ମନଟି।
ସୃଷ୍ଟିକର୍ତ୍ତାଙ୍କର କମନୀୟ ସୃଷ୍ଟି
ନାମ ତା'ର ଗଙ୍ଗଶିଉଳୀ
ରୂପରେ ଗୁଣରେ ଭବ୍ୟ ସୁଷମାରେ
ଶୋଭା ପାଏ ଝରା ଶେଫାଳୀ ।
ଶରତ ଋତୁରେ ଧରା ପୃଷ୍ଟେ ସିଏ
କରିଥାଏ ଅବତରଣ
ଆୟୁଷ ତାହାର ଅଳପ ହେଲେବି
କାମଟି ତାହାର ମହାନ।

**– ସତ୍ୟନାରାୟଣ ପ୍ରସାଦ ନାୟକ**
ରଥରୋଡ୍, ଭୁବନେଶ୍ୱର
ମୋ: ୮୯୧୭୪୪୬୨୮୫

### ଶିଶୁଟିଏ ମୁହିଁ



ଶିଶୁଟିଏ ମୁହିଁ ଶିଶୁଟିଏ
ସଭିଙ୍କ ମୁଖର ହସ ଟିଏ।
ନାହିଁ ଭେଦ ଭାବ ମନେ ମୋର
ସଭିଙ୍କୁ କରେ ଅତି ନିଜର।
ସୁବାସିତ ଫୁଲ ବଗିଚାରେ
ମହକାଏ ମୁହିଁ ଚଉଦିଗେ।
କଣ୍ଟା ନାହିଁ ମୋ ଦେହେ ଟିକିଏ
ପାପ ହିଂସାରୁ ଦୂରେ ମୁଁ ଥାଏ।
ଶାନ୍ତ ପରିବେଶ ଚାହେଁ ସଦା
ମାଆ କୋଳେ ସୁଖେ ଯାଏ ନିଦ୍ରା।
ନାଚୁ ଥାଏ ବୟସ ଢେଉରେ
ଦିନ ସରେ ଖେଳ କୌତୁକରେ।
ବାଣୀରେ ମୋର ଥାଏ ମାଧୁର୍ଯ୍ୟ
ଭଗବାନଙ୍କ ଆଶିଷ ତୁଲ୍ୟ।
ଆମେ ଏ ଦେଶର ଭବିଷ୍ୟତ
କରିବା କିଛି ତାହାରି ହିତ।

**– ପ୍ରତିଭା ଦାଶ**
ଡୁମେରପାଣି, ନୂଆପଡ଼ା
ମୋ: ୭୮୯୪୫୨୮୪୯୩

## କହିଲ ଦେଖି



ସାରୁ ବୁଦା ମୂଳେ ଲୁଚିକି ଥାଏ
ପୋକ ଜୋକ ଦେଖି ଖୁସିରେ ଖାଏ
ସଞ୍ଜ ହେଲେ କରେ କେଁ କଟର
ପାଣିକୁ ଦେଖିଲେ ଶରଧା ତା'ର
ଫୁଙ୍କୁଫୁଙ୍କୁ ଡିଏଁ ଦାଣ୍ଡ ଘାଟରେ
ନାଆଁ ତା'ର କିଏ ଜାଣିଛ କିରେ ?

ଉତ୍ତର : **ବେଙ୍ଗ**



ପାଣିରେ ରୁହେ ପାଣିରେ ଶୁଏ
ନଦୀ ପାର କରି ମଣିଷ ବୁହେ
କାଠ ପଟାରେ ତା' ଦେହ
ବାଉଁଶ ଖଣ୍ଡେ ତା' ଦିଗ ବଦଳାଏ
ଜଣାଥିଲେ ନାଆଁ କୁହ !

ଉତ୍ତର : **ଡଙ୍ଗା**



ବରଡ଼ା ପତ୍ରରେ ଦେହଟି ତା'ର
ବରଷାରେ ହୁଏ ଘରୁ ବାହାର
ମଥାରେ ରଖିଲେ ମୁଣ୍ଡେଇ
ଦେହରେ ଟିକିଏ ପାଣି ବାଜେ ନାହିଁ
ଧରି ରଖିଥାଏ କୁଣ୍ଢେଇ
ଦ୍ୱିତୀୟ ତୃତୀୟ ଅକ୍ଷର ମିଶି
ଖାଇବା ଅର୍ଥକୁ ବୁଝାଏ ବେଶି
ଜାଣିଥିଲେ କୁହ ତାହାର ନାଆଁ ?

ଉତ୍ତର: **ପଖିଆ**




ବରଡ଼ା ପତର ବାଉଁଶ ପାତ
ଖରା ବରଷାରେ ମଥାକୁ ଛାତ
ଗୋଲିଆ ତାହାର ଦେହ
ପୁରୁଣା କାଳର ସେବକ ସିଏ
ମୁଣ୍ଡରେ ପିନ୍ଧିଲେ ଭରସା ଦିଏ
କୁହ ଦେଖି ତାକୁ ଜାଣିଛ କିଏ ?

ଉତ୍ତର : **ତଲେଇ/ଝାମ୍ପି**

**– ମୋହନ କୁମାର ସ୍ୱାଇଁ**
ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

# ଗଣିତ ଜଗତର ସମ୍ରାଟ

# ରାମାନୁଜନ



ଦିନେ ବୌଦ୍ଧ ଜିଲା ସ୍କୁଲରେ ରାମହରି ସାର୍ ନବମ ଶ୍ରେଣୀରେ ବୀଜଗଣିତ ପଢ଼ାଉ ଥାଆନ୍ତି। ତା'ସହ ସେଗୁଡ଼ିକୁ କଳାପଟାରେ ଲେଖି ବୁଝାଉଥା'ନ୍ତି । ଏତିକିବେଳେ ରାକେଶ ନାମକ ଜଣେ ଛାତ୍ର ନିଜ ସିଟ୍‌ରୁ ଉଠିପଡ଼ି କହିଲା– ସାର୍, ଏହି ପ୍ରଶ୍ନର ଉତ୍ତର ମୁଁ ଅନ୍ୟ ଏକ ପ୍ରଣାଳୀରେ ସଂକ୍ଷିପ୍ତରେ କରିପାରିବି। ସାର୍ କହିଲେ– ଠିକ୍ ଅଛି। ତୁମେ ଆସି କଳାପଟାରେ ଲେଖି ବୁଝାଇଦିଅ। ସତକୁ ସତ ରାକେଶ ୩/୪ଟି ଷ୍ଟେପରେ ସଂକ୍ଷିପ୍ତରେ ସମାଧାନ କରିଦେଲା। ସାର୍ ଖୁସି ହୋଇ ସାବାସ୍ ସାବାସ୍ କହି ତା' ପିଠିକୁ ଥାପୁଡ଼ାଇଲେ। ସାର୍ କହିଲେ– ଏହା ଦେଖିବା କ୍ଷଣି ଆମ ଦେଶର ଜଣେ ମହାନ୍ ଗଣିତଜ୍ଞ ଯିଏ କି ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲେ ତାଙ୍କ କଥା ମନେପଡ଼େ। ତାଙ୍କ ନାମ ତୁମ ଭିତରୁ ଯଦି କେହି ଜାଣିଛ, ତେବେ କୁହ। ସୁମିତ୍ ସଙ୍ଗେ ସଙ୍ଗେ ଉଠି କହିଲା– ସାର୍, ତାଙ୍କ ନାମ ରାମାନୁଜନ। ସାର୍ କହିଲେ– ଠିକ୍ କହିଛ। ତାଙ୍କର ପୂରା ନାମ ଶ୍ରୀନିବାସ ରାମାନୁଜନ । ସେ ମଧ୍ୟ ବିଦ୍ୟାଳୟରେ ପଢୁଥିବାବେଳେ ତାଙ୍କର ଗଣିତ ଶିକ୍ଷକ ଏକ ଅଙ୍କକୁ ସମାଧାନ କରିବା ପାଇଁ ଦୁଇଟି କାଠପଟା କଳା ବୋର୍ଡ (ଟାଣିବା ପାଇଁ ଯେଉଁଥିରେ ଚ୍ରିଲି ଚକା ଥାଏ।) ବ୍ୟବହାର କରୁଥିଲେ। କିନ୍ତୁ ରାମାନୁଜନ କହିଲେ– ସାର୍, ଆପଣ ମୋତେ ଅନୁମତି ଦେଲେ ମାତ୍ର ୫/୬ଟି ଷ୍ଟେପରେ ଅତି ସଂକ୍ଷିପ୍ତରେ ବୁଝାଇଦେବି। ସାର୍ ଯେଉଁ ଧାରାରେ ବୁଝାଉଥିଲେ, ତାହାକୁ ପିଲାମାନେ ମନେରଖିବା କଷ୍ଟ ହେଉଥିଲା। ରାମାନୁଜନଙ୍କ ଧାରାଟା ସରଳ ହୋଇଥିବାରୁ ସବୁ ପିଲା ସୁବିଧାରେ ବୁଝିଗଲେ। ଏହା ଦେଖି ଶିକ୍ଷକ ରାମାନୁଜନଙ୍କ ଗଣିତ ପ୍ରତିଭାରେ ମୁଗ୍ଧ ହୋଇ ପ୍ରଶଂସା କରିଥିଲେ ।

ଶ୍ରୀନିବାସ ରାମାନୁଜନ ୧୮୮୭ ଡିସେମ୍ବର ୨୨ ତାରିଖ ଦିନ ମାନ୍ଦ୍ରାଜର (ଚେନ୍ନାଇ) ତାଞ୍ଜୋର ଜିଲା ଅନ୍ତର୍ଗତ ଏରୋଠାରେ ଏକ ଗରିବ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଶ୍ରୀନିବାସ ଆୟାଙ୍ଗର୍ ଏକ ବଡ଼ ଲୁଗା ଦୋକାନରେ ଆକାଉଣ୍ଟାଣ୍ଟ ଭାବେ କାମ କରୁଥିଲେ। ତାଙ୍କ ଦରମା ଥିଲା ମାସକୁ ମାତ୍ର ୨୦ ଟଙ୍କା। ମାତାଙ୍କ ନାମ ଥିଲା କୋମଳ ତାମଲ। ରାମାନୁଜନଙ୍କ ଡାକ ନାମ ଥିଲା ଚିନ୍ନା ସାମୀ (ସାନ ଠାକୁର)। ୧୮୯୨ରେ ୫ ବର୍ଷରେ ଗାଁ ସ୍କୁଲରେ ରାମାନୁଜନ ବିଦ୍ୟାରମ୍ଭ କଲେ। ପିଲାଟି ଦିନରୁ ହିଁ ତାଙ୍କର ଗଣିତ ଶାସ୍ତ୍ର ପ୍ରତି ପ୍ରବଳ ଆଗ୍ରହ ଓ ଶ୍ରଦ୍ଧା ଥିଲା। ଦିନେ ୩ୟ ଶ୍ରେଣୀରେ ଗଣିତ ଶିକ୍ଷକ କୌଣସି ସଂଖ୍ୟାକୁ ସେହି ସଂଖ୍ୟା ଦ୍ୱାରା ଭାଗ କଲେ ଭାଗଫଳ ଏକ ହୁଏ,ଏହା ବୁଝାଉଥିଲେ। ଏତିକି ବେଳେ ରାମାନୁଜନ ଉଠିପଡ଼ି କହିଲେ,ସାର୍ ! ଶୂନ୍ୟକୁ (୦) ଶୂନ୍ୟ ଦ୍ୱାରା ଭାଗକଲେ ଭାଗଫଳ ଏକ ହେବ କି ? ତାଙ୍କର ଏଭଳି ବୌଦ୍ଧିକ ପ୍ରଶ୍ନ ଶୁଣି ଶିକ୍ଷକ ମନେମନେ ଭାବିଲେ ବଡ଼ ହେଲେ ଏ ବାଳକ ସମସ୍ତଙ୍କୁ ଚକିତ କରିବ। ରାମାନୁଜନ ପ୍ରତିଦିନ ରାତି ୧୧ଟା ପର୍ଯ୍ୟନ୍ତ ଗଣିତ କଷୁଥିଲେ, ପୁଣି ରାତି ୨ଟାରେ ଶେଯରୁ ଉଠି ନିଜ ଟିପାଖାତାରେ ଯାହା ମନେପଡ଼େ ଲେଖିଦେଇ ପୁଣି ଶୋଇ ପଡୁଥିଲେ। ରାମାନୁଜନଙ୍କ ଏଭଳି ଗଣିତ ପଢ଼ା ଦେଖି ସମସ୍ତ ଶିକ୍ଷକ ଓ ଛାତ୍ର ଭାରି ଭଲ ପାଉଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହି ଯେ, ପୃଥିବୀର ବିଶ୍ୱରେଖାର ଦୈର୍ଘ୍ୟ ଅତି ନିର୍ଭୁଲ୍ ଭାବେ କହିପାରୁଥିଲେ। ଏପରିକି ୧୦୦,୦୦୦,୦୦ (୧ କୋଟି) ମଧ୍ୟରେ ଥିବା ମୌଳିକ ସଂଖ୍ୟାଗୁଡ଼ିକ ତାଙ୍କ ଜିଭ ଅଗରେ ଥିଲା । ସେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବାବେଳେ ଦଶମ ଓ ଏକାଦଶ ଶ୍ରେଣୀର ପିଲାଙ୍କଠାରୁ ଗଣିତ ବହି ଆଣି ବହିରେ ଥିବା ପ୍ରଶ୍ନଗୁଡ଼ିକର ସମାଧାନ କରିପାରୁଥିଲେ। ସେ କହୁଥିଲେ, ଗଣିତ ଦ୍ୱାରା ହିଁ ଭଗବାନ୍‌ଙ୍କ ସାନ୍ନିଧ ପାଇ ହେବ ।

ସେହି ସମୟରେ ତାଙ୍କର ଆର୍ଥିକ ସ୍ଥିତି ଏତେ ଭଲ ନ ଥିଲା। ଦିନେ ସେ ଭୋକିଲା ପେଟରେ ଗ୍ଲାସେ ପାଣି ପିଇ, ତାଙ୍କ ଗାଁ ମନ୍ଦିରକୁ ଯାଇ ସେଠାର ଚଟାଣରେ ଶୋଇ ଚକ୍‌ରେ ଗଣିତ କଷିବାକୁ ଆରମ୍ଭ କଲେ। ସେ ଏଥିରେ ଏତେ ନିମଗ୍ନ ଥିଲେ ଯେ କେତେବେଳେ ଶୋଇପଡିଛନ୍ତି ତାହା ସେ ଜାଣିପାରିଲେ ନାହିଁ। ତାଙ୍କୁ ଖୋଜାଖୋଜି କଲାପରେ ତାଙ୍କର ଜଣେ ସାଙ୍ଗ ଆସି ଉଠାଇ ଦେବାରୁ ସେ କହିଲେ, ମୁଁ ସ୍ୱପ୍ନରେ ଗଣିତ ଜ୍ୟାମିତିର ପ୍ରମାଣ କରୁଥିଲି। ରାମାନୁଜନ ଏଫ୍.ଏ ଶ୍ରେଣୀରେ ପଢୁଥିବା ସମୟରେ ତାଙ୍କର ଅନେକ ଗଣିତର ଗବେଷଣାତ୍ମକ ସନ୍ଦର୍ଭ ଓ ଜ୍ୟାମିତି ଉପପାଦ୍ୟର ପ୍ରମାଣ ତାଙ୍କ ଟିପାଖାତାରେ ସେ ଲେଖିଥିଲେ। ପରବର୍ତ୍ତୀ କାଳରେ ତାଙ୍କୁ ଇଂଲଣ୍ଡର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଗବେଷଣା ପାଇଁ ସୁଯୋଗ ମିଳିଥିଲା। ରାମାନୁଜନ ମାତ୍ର ୩୨ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ। ତାଙ୍କ ସମ୍ମାନାର୍ଥେ ପ୍ରତି ବର୍ଷ ଡିସେମ୍ବର ୨୨ ତାରିଖ (ତାଙ୍କ ଜନ୍ମତିଥି) ଦିନ ଆମ ଦେଶରେ 'ଜାତୀୟ ଗଣିତ ଦିବସ' ରୂପେ ପାଳନ କରାଯାଉଅଛି। ତେଣୁ ସେଭଳି ମହାନ୍ ଗଣିତଜ୍ଞ ରାମାନୁଜନଙ୍କୁ ଗଣିତ ଜଗତର ସମ୍ରାଟ୍ କହିବା କିଛି ଭୁଲ୍ ହେବ ନାହିଁ।"

– **ବିନୋଦ ଚନ୍ଦ୍ର ଜେନା**
ଭିକ୍ଟୋରି କଲୋନି, ପାରଳାଖେମୁଣ୍ଡି, ଗଜପତି
ମୋ: ୭୭୩୫୨୨୨୭୧୩


# ଅଧିକ ବିଜୁଳି ଘଡ଼ଘଡ଼ି ହେଉଥିବା ସ୍ଥାନ



ପୃଥିବୀରେ ଏମିତି ଏକ ସ୍ଥାନ ରହିଛି ଯେଉଁଠାରେ ପ୍ରତି ସେକେଣ୍ଡରେ ଘଡ଼ଘଡ଼ି ମାରିବା ସହ ବିଜୁଳି ଦେଖିବାକୁ ମିଳିଥାଏ। ସତରେ ! ପ୍ରକୃତିର ରହସ୍ୟ ବହୁତ ଅଜବ ଧରଣର ଆଉ ଏହାକୁ ଅନୁମାନ ଲଗାଇବା ବହୁତ କଷ୍ଟକର। କେବେକେବେ ପାହାଡ ଉପରେ ବରଫର ଆସ୍ତରଣ ପଡୁଛିତ ତ ଆଉ କେଉଁଠି ସମୁଦ୍ର ଲହରି ଭୟଙ୍କର ରୂପ ଧାରଣ କରୁଛି। କିନ୍ତୁ ପୃଥିବୀରେ ଏମିତି ଏକ ସ୍ଥାନ ରହିଛି ଯେଉଁଠି ସବୁଦିନ ରାତିରେ ବିଜୁଳି ଚମକୁ ଥାଏ। ଏହି ସ୍ଥାନଟି ହେଉଛି ଭେନିଜୁଏଲାର କେଟାଟୁମ୍ବେ ଲାଇଟିଂ, ଯାହାକୁ ବିଶ୍ୱର ଲାଇଟିଂ କ୍ୟାପିଟାଲ ଅଫ୍ ଦ ୱାର୍ଲ୍ଡ ବୋଲି କୁହାଯାଏ। କେଟାଟୁମ୍ବେ ଲାଇଟିଂ ଭେନିଜୁଏଲାର ଜୁଲିଆ ରାଜ୍ୟରେ ଅବସ୍ଥିତ। ଏହି ସ୍ଥାନର ଭୌଗୋଳିକ ସରଞ୍ଚନା ଏବଂ ଜଳବାୟୁ ଏତେ ଅଲଗା ଯେ ପାଖପାଖି ଥିବା ପାହାଡ଼, ଝରଣାରୁ ଉଠୁଥିବା ଜଳବାୟୁ ଏବଂ ଗରମ ପବନର ସଙ୍ଗମ ପ୍ରତି ରାତିରେ ଏଠାକାର ଆକାଶକୁ ଚମକଦାର କରିଥାଏ। ବର୍ଷର ପ୍ରାୟ ୨୮୦ଦିନ ଏଠାରେ ବିଜୁଳି ଚମକେ। କେବଳ ଏତିକି ନୁହେଁ ଏଠାରେ ଗୋଟିଏ ରାତିରେ ପାଖାପାଖି ୧୦ଘଣ୍ଟା ଲଗାତର ବିଜୁଳି ଘଡ଼ଘଡ଼ି ମାରିବାର ନଜୀର ମଧ୍ୟ ରହିଛି। ଏଠାରେ ଲାଇଟିଂ ଦୃଶ୍ୟ ଏତେ ଉଜ୍ଜ୍ୱଳ ହୋଇଥାଏ ଯେ ଯାହା ୫୦କିମି ଦୂରରୁ ବି ଦେଖା ଯାଇଥାଏ। ଏହି ଦୃଶ୍ୟ କେବଳ ବୈଜ୍ଞାନିକଙ୍କ ପାଇଁ ଏକ ଅଧ୍ୟୟନର ବିଷୟବସ୍ତୁ ହେବା ସହିତ ସ୍ଥାନୀୟ ଲୋକ ଏବଂ ପର୍ଯ୍ୟଟକଙ୍କ ଲାଗି ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ରାତ୍ରିର ଅନ୍ଧକାରରେ ଲଗାତର ବିଜୁଳି ଆକାଶକୁ ଏକ ବିଶାଳ ଲାଇଟ୍ ଶୋ'ଭଳି ପ୍ରତୀୟମାନ ହୋଇଥାଏ।



# ଆ ଇ ନା



ବିଦ୍ୟାର୍ଥ ତ୍ରିପାଠୀ
୫ ବର୍ଷ/ଭୁବନେଶ୍ୱର



ସାନ୍ଭୀ ସାହୁ
୮ ବର୍ଷ/ କଟକ